ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୧ ଏପ୍ରିଲ, ୨୦୨୧

## ୩ ବଖରା ସହ ପାଳଗଦା ଜଳିଗଲା

ବ୍ରହ୍ମପୁର ଅଫିସ: ଧରାକୋଟ ତହସିଲ ମୁଣ୍ଡମରାଇ ଗ୍ରାମର ବାଳିକା ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଅବସ୍ଥିତ ୩ ବଖରା ଘର ବୁଧବାର ଜଳିଯାଇଥିବା ବେଳେ ଝରିପାରି ପଞ୍ଚାୟତ ଅନ୍ତର୍ଗତ କଣ୍ଟେଇକୋଳି ଗ୍ରାମ ବିଲରେ ନିଆଁ ଲାଗି ଏକ ଏକର ପାଳଗଦା ନଷ୍ଟ ହୋଇଯାଇଛି। ସେହିପରି ଶରଧାପୁର ଗ୍ରାମସ୍ଥିତ ଖଳାରେ ଧାନ ଓ ପାଳଗଦା ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ଧରାକୋଟ ଓ ଶେରଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଛନ୍ତି। ବୁଧବାର ଧରାକୋଟରେ ତାପମାତ୍ରା ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱରେ ରହି ଝାଞ୍ଜି ପବନ ବହୁଥିବା ବେଳେ ଅଞ୍ଚଳର ପାହାଡ଼ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି।



### ସଂକ୍ଷେପରେ

## ଅଗ୍ନି ବିପନ୍ନଙ୍କୁ ସହାୟତା

ସୋରଡ଼ା,୩୧।୩(ଡି.ଏନ୍.ଏ.)- ସୋରଡ଼ା ବ୍ଲକ ରାଧାକୃଷ୍ଣପୁର ଗ୍ରାମରେ ମଙ୍ଗଳବାର ନିଆଁ ଲାଗି ୧୦ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ବୁଧବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମର୍ଣ୍ଣିଂ ଟିମ ଉକ୍ତ ଗ୍ରାମରେ ପହଞ୍ଚି ପ୍ରତ୍ୟେକ ପରିବାରକୁ ବସ୍ତ୍ର, ଚାଉଳ, ଆଳୁ, ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ମର୍ଣ୍ଣିଂ ଟିମର ସଭାପତି ଶିବ ଶଙ୍କର ପଣ୍ଡା ଏବଂ ଅନ୍ୟ ସଦସ୍ୟ ରାଜେଶ ପାତ୍ର, ରାମ ନାଥ ସାହୁ, ମନୋଜ ସ୍ୱାର, ମହେନ୍ଦ୍ର ପାତ୍ର, ସରୋଜ ପ୍ରଧାନ, ଜୟ ସ୍ୱାର, ସୂର୍ଯ୍ୟ ପାଳ, ପ୍ରମୋଦ ସାହୁ, କାହ୍ନୁ ମହାରଣା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ୪ ମୃତ କରୋନା ଯୋଦ୍ଧାଙ୍କୁ ଡିଜିପି ଡିସ୍କ ଆୱାର୍ଡ

ଛତ୍ରପୁର,୩୧।୩(ଡି.ଏନ.ଏ)-କରୋନା ମୁକାବିଲା କାର୍ଯ୍ୟରେ ସାମିଲ ଥିବାବେଳେ ଗତବର୍ଷ ଗଞ୍ଜାମ ପୋଲିସ ଜିଲାର ୪ ପୋଲିସ କର୍ମଚାରୀ ତଥା କରୋନା ଯୋଦ୍ଧାଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କୁ ଡିଜିପି ଡିସ୍କ ଆୱାର୍ଡ ମିଳିଛି । କୋଭିଡ୍ ଯୋଦ୍ଧା ତଥା ଏଏସ୍ଆଇ ରବୀନ୍ଦ୍ର ନାଥ ବେହେରା, ଏଏସ୍ଆଇ ଶିବରାମ ଦାସ, କନଷ୍ଟେବଲ ଗୋଲଖି ନାୟକ ଓ କନଷ୍ଟେବଲ ରଙ୍କନିଧି ପ୍ରଧାନ କରୋନା ବେଳେ କାର୍ଯ୍ୟ କରି ନିଜ ଜୀବନ ଉତ୍ସର୍ଗ କରିଥିବାରୁ ଏହି ଆୱାର୍ଡ ମିଳିଛି । ଗଞ୍ଜାମ ଏସ୍ପି ବ୍ରିଜେଶ କୁମାର ରଏ ଏମାନଙ୍କ ପରିବାରବର୍ଗଙ୍କୁ ସମବେଦନା ସହ କୃତଜ୍ଞତା ଜଣାଇଛନ୍ତି ।

## ବସ୍ ଦୁର୍ଘଟଣାରେ ବୃଦ୍ଧା ଗୁରୁତର

ବେଗୁନିଆପଡ଼ା,୩୧।୩(ଡି.ଏନ.ଏ.)- ବେଗୁନିଆପଡ଼ା ଫାଣ୍ଡି ଶାଙ୍କୁଡ଼ା ବଜାରରେ ବୁଧବାର ଏକ ବସ ଦୁର୍ଘଟଣାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ଉକ୍ତ ଗାଁର ବାସନ୍ତୀ ସାହୁ (୭୫)। ବାବା ଆଖଣ୍ଡଳମଣି ନାମକ ଏକ ବସ ବେଗୁନିଆପଡାରୁ ଶାଙ୍କୁଡା ଅଭିମୁଖେ ଯାଉଥିବା ବେଳେ ଶାଙ୍କୁଡାଠାରେ ବାସନ୍ତୀ ବସ୍‌ରୁ ଓହ୍ଲାଇବା ବେଳେ ହଠାତ୍ ପଡ଼ିଯାଇଥିଲେ। ଏହି ସମୟରେ ବୃଦ୍ଧାଙ୍କ ବାମ ଗୋଡଟି ବସ୍ ଚକା ତଳେ ଚାପି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ସୁମଣ୍ଡଳ ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ଶାଳ ବଣରେ ଅଗ୍ନିକାଣ୍ଡ

ନୂଆଗଡ,୩୧।୩-ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ବଡ଼ପଦା ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ପଛପଟେ ଥିବା ଶ୍ମଶାନ ନିକଟସ୍ଥ ଶାଳ ବଣରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ବାସୀଙ୍କଠାରୁ ଖବର ପାଇ ନୂଆଗଡ଼ ବ୍ଲକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖଜୁରିପଦା ଜଙ୍ଗଲ ବିଭାଗ ଏବଂ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରିଥିଲେ।

## ମଳ ବିଶୋଧନ ପ୍ରକଳ୍ପ ଉଦ୍‌ଘାଟିତ

ହିଞ୍ଜିଳିକାଟୁ,୩୧।୩(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ପକ୍ଷରୁ ପ୍ରାୟ ୨କୋଟି ୬୦ଲକ୍ଷ ଟଙ୍କାରେ ନିର୍ମିତ ମଳ ବିଶୋଧନ ପ୍ରକଳ୍ପ ଓ ପୂର୍ବରୁ ସ୍ଥାପିତ ଏମଆରସିରୁ ଉତ୍ପନ୍ନ ଖତ ବିକ୍ରି ନିମନ୍ତେ ଏକ ଷ୍ଟଲକୁ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦଘାଟନ କରିଛନ୍ତି। ପୌରାଞ୍ଚଳର ନୂଆଗଡ଼- ସିଙ୍ଗିପୁର ଅଞ୍ଚଳରେ ମଳ ବିଶୋଧନ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଜିଲାପାଳ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ମହିଳା ଏସ୍ଏଚଜିର ଏକ ସ୍ନାକ ସେଣ୍ଟର ମଧ ଉଦଘାଟନ କରିଥିଲେ। ଆରଏମ୍ସି ପରିସରରେ ଏସଏଚଜି ଦ୍ୱାରା ପରିଚାଳିତ ମୋ ଖତ କେନ୍ଦ୍ର ବିକ୍ରି ଷ୍ଟଲକୁ ମଧ ଉଦଘାଟନ କରିଥିଲେ।

# ପ୍ରବାସୀଙ୍କ ଉପରେ ନଜର

**■କୋଭିଡ୍ ହସ୍ପିଟାଲ, ଆଇସୋଲେଶନ ୱାର୍ଡ ପ୍ରସ୍ତୁତ ନିର୍ଦ୍ଦେଶ**
**■ପଞ୍ଚସୂତ୍ରୀ ନିୟମ ପାଳନ ନ କଲେ ଦୋକାନ ସିଲ୍**



ବୈଠକରେ ଉପସ୍ଥିତ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

**ଛତ୍ରପୁର,୩୧।୩(ଡି.ଏନ.ଏ)**

ଗଞ୍ଜାମ ଜିଲାରେ କରୋନା ସ୍ଥିତି ଓ ଆଗାମୀ ଦିନରେ ଏହାର ମୁକାବିଲା ସମ୍ପର୍କିତ ଏକ ସମୀକ୍ଷା ବୈଠକ ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କରୋନା ହଟସ୍ପଟ ରାଜ୍ୟରୁ ଦୈନିକ ଶତାଧିକ ପ୍ରବାସୀ ଗଞ୍ଜାମ ଜିଲାକୁ ଟ୍ରେନ୍‌ରେ ଫେରୁଛନ୍ତି। ସେମାନଙ୍କ ଉପରେ ନଜର ରଖାଯାଉଥିବା ଜିଲାପାଳ ସମୀକ୍ଷା ବୈଠକ ପରେ ସୂଚନା ଦେଇଛନ୍ତି । ପ୍ରତି ପଞ୍ଚାୟତ ଓ ସହରାଞ୍ଚଳର ୱାର୍ଡ ସ୍ତରରେ ରେଜିଷ୍ଟର ରଖାଯାଇଛି । ସେଥିରେ ଜିଲାକୁ ଫେରୁଥିବା ପ୍ରବାସୀଙ୍କ ନାଁ ଓ ଠିକଣା ଲିପିବଦ୍ଧ କରାଯାଉଛି । ଆବଶ୍ୟକ ହେଲେ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜିଲାପାଳ କହିଛନ୍ତି ।

ଏମ୍‌କେସିଜି ମେଡିକାଲରେ ଥିବା କୋଭିଡ୍‌ହସ୍ପିଟାଲ ଓ ସମସ୍ତ ହସ୍ପିଟାଲରେ ଥିବା ଆଇସୋଲେଶନ କେନ୍ଦ୍ରରେ ବେଡ୍ ପ୍ରସ୍ତୁତ କରି ରଖିବାକୁ ବୈଠକରେ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ବ୍ଲକ, ବ୍ରହ୍ମପୁର ମହାନଗର ନିଗମ, ମ୍ୟୁନିସିପାଲଟି ଓ ଏନଏସିରେ କୋଭିଡ୍ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଉକ୍ତ କେନ୍ଦ୍ରରେ ରେଜିଷ୍ଟର ରଖି ଲୋକଙ୍କ ସମସ୍ୟା ଶୁଣିବା ସହ ସମାଧାନ, ଏନଫୋର୍ସମେଣ୍ଟ ତ୍ୱରାନ୍ୱିତ କରାଯିବ। ସର୍ବସାଧାରଣରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ସହ କୋଭିଡ୍ ଗାଇଡଲାଇନ୍ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତାରାତାରିଣୀ ମନ୍ଦିର, ସୁନାପୁର ଆଦି ସ୍ଥାନରେ ଭୋଜି କରାଯାଇପାରିବନି। ପୂର୍ବଭଳି ଦୋକାନୀମାନେ ପଞ୍ଚସୂତ୍ରୀ ନିୟମ ପାଳନ କରିବା ବାଧ୍ୟତାମୂଳକ କରାଯାଇଛି । ଏଥିରେ ଖିଲାପ କଲେ ଦୋକାନ ସିଲ୍ କରାଯିବ ବୋଲି ଜିଲାପାଳ କହିଛନ୍ତି। ବ୍ରହ୍ମପୁର ମହାନଗର ସମେତ ଜିଲାର ସମସ୍ତ ସହରାଞ୍ଚଳରେ ଥିବା ମଲ୍, ହୋଟେଲଗୁଡିକରେ କୋଭିଡ୍ ଗାଇଡଲାଇନ୍ ପାଳନ ହେଉଛି କି ନାହିଁ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଆହୁରି କହିଛନ୍ତ, ଜିଲାରେ କରୋନା ନିୟନ୍ତ୍ରଣରେ ରହିଛି । ଦିନକୁ ୫ରୁ ୭ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଆମେ ସଚେତନ ହୋଇ ଗାଇଡଲାଇନ୍‌କୁ ପାଳନ କଲେ କରୋନାକୁ ହରାଇ ପାରିବା ବୋଲି କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାରେ, ଡୁଡା ପିଡି ସୁଦାମ ଚରଣ ମଣ୍ଡଳଙ୍କ ସମେତ ବିଡିଓ, ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ୩୯ ବଖରା ଜଳିଗଲା

**ଭଞ୍ଜନଗର,୩୧।୩(ଡି.ଏନ.ଏ)**

ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ନୂଆଦୋରଙ୍ଗୀରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୩୮ ପରିବାରର ୩୯ ବଖରା ଜଳିଯାଇଛି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ରାଜସ୍ୱ ପ୍ରତିନିଧି ଏବଂ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧିମାନେ ଅଗ୍ନି ବିପନ୍ନ ପରିବାରଗୁଡ଼ିକୁ ସହାୟତା ଯୋଗାଇ ଦେଇଛନ୍ତି। ଗାୟଗଣ୍ଡା ପଞ୍ଚାୟତର ଦୋରଙ୍ଗୀ ଗ୍ରାମଟି ପାହାଡ଼ ଉପରେ ଅବସ୍ଥିତ। ସେଠାକୁ ଗମନାଗମନ ସୁବିଧା ନ ଥିବାରୁ ପ୍ରଶାସନ ଗ୍ରାମବାସୀଙ୍କୁ ୨ ବର୍ଷ ପୂର୍ବେ ପାହାଡ଼ ତଳକୁ ଆଣି ଥଇଥାନ କରିଥିଲା । ସେବେଠୁ ଉକ୍ତ ଗ୍ରାମର ନାଁ ନୂଆଦୋରଙ୍ଗୀ ଦିଆଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପକ୍କା ଘର ଯୋଜନାରେ ସାମିଲ କରାଯାଇଥିଲା। ପକ୍କା ଘର କାମ ସରିବା ପୂର୍ବରୁ ଲୋକେ ଚାଳଛପର କରି ରହୁଥିଲେ। ବୁଧବାର ମଧ୍ୟାହ୍ନରେ କୌଣସି ପ୍ରକାରେ ନିଆଁ ଲାଗି ଚାହୁଁ ଚାହୁଁ ଅସ୍ଥାୟୀ ଚାଳଛପର ଘରଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଥିଲା । ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ କହିଛନ୍ତି, ସରକାରଙ୍କ ପକ୍ଷରୁ ଆଇନ ଅନୁଯାୟୀ ଯାହା ସମ୍ଭବ ଅଗ୍ନି ବିପନ୍ନ ପରିବାରଗୁଡ଼ିକୁ ସହାୟତା ଯୋଗାଇ ଦେବା ପ୍ରକ୍ରିୟା ଚାଲିଛି ।

## ସାହିତ୍ୟ ସୃଷ୍ଟି ପାଇଁ ନୃସିଂହାନନ୍ଦଙ୍କୁ ସମ୍ମାନ



ଅତିଥିଙ୍କ ଗହଣରେ ନୃସିଂହାନନ୍ଦ ।

**ଫୁଲବାଣୀ ଅଫିସ, ୩୧।୩**

ପେଶାରେ ଶିକ୍ଷକତା କରୁଥିବା ନୃସିଂହାନନ୍ଦ ମହାପାତ୍ର ଏକାଧାରାରେ କବି, ସାହିତ୍ୟିକ ଏବଂ ଲେଖକ । ଅନନ୍ୟ ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟ ପତ୍ରିକା ସ୍ମୃତିଲିପିର ରଜତ ଜୟନ୍ତୀ ସମାରୋହରେ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି । ଯାଜପୁର ଜିଲା କୋରେଇ ହଳଦୀଗଡିଆଠାରେ ଅନୁଷ୍ଠିତ ସମାରୋହରେ ଅତିଥିମାନେ ନୃସିଂହାନନ୍ଦଙ୍କୁ ସାହିତ୍ୟ କ୍ଷେତ୍ରରେ ମହତ ଯୋଗଦାନ ପାଇଁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଜଣେ ଶିକ୍ଷକ ହୋଇ ସମୟ ବହାର କରି ସାହିତ୍ୟ ସୃଷ୍ଟି କରିବା ଖୁବ୍ କମ୍ ପ୍ରତିଭାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ନୃସିଂହାନନ୍ଦ ଏହାର ବାସ୍ତବ ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପଦ୍ମଶ୍ରୀ ଡ.ରଜତ କୁମାର କର, ବରିଷ୍ଠ ପ୍ରଶାସକ ବିଜୟ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନୃସିଂହାନନ୍ଦଙ୍କୁ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ନୃସିଂହାନନ୍ଦ ଏବେ ସରକାରୀ ଆଇଟିଆଇରେ ସହ ତାଲିମପ୍ରାପ୍ତ ଅଧିକାରୀ ଭାବେ ଶିକ୍ଷକତା କରୁଛନ୍ତି।

# ଗୋଦରାପଲ୍ଲୀକୁ ଫାଇଭ ଷ୍ଟାର ଭିଲେଜ ମାନ୍ୟତା

**ଆସିକା ୩୧।୩ (ଡି.ଏନ୍.ଏ.)**




ଡାକବିଭାଗୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ଡାକମଣ୍ଡଳର ପଶ୍ଚିମ ଡାକ ଉପଖଣ୍ଡ ଅଧୀନ ଗୋଦରାପଲ୍ଲୀ ଗ୍ରାମକୁ ଡାକ ବିଭାଗ ପକ୍ଷରୁ ପୋଷ୍ଟାଲ ଫାଇଭ ଷ୍ଟାର ଭିଲେଜର ମାନ୍ୟତା ପ୍ରଦାନ କରାଯାଇଛି। ବୁଧବାର ସମ୍ପୃକ୍ତ ଗାଁରେ ଡାକ ନିରୀକ୍ଷକ ଦିଲୀପ କୁମାର ବଗତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ଡାକ ଅଧୀକ୍ଷକ ସୁରେନ୍ଦ୍ରନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ଉପଡାକପାଳ ପର୍ଶୁରାମ ପୂଜାରୀ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାମହରି ଶର୍ମା ଓ ସମିତିସଭ୍ୟ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଚୟ ବ୍ୟାଙ୍କ ସହାୟକ ସୀମାଞ୍ଚଳ ମହାରଣା ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଜାତୀୟ ସଂଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ଡାକ ଜୀବନବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଭଳି ୫ ବହୁମୁଖୀ ସେବା ପାଉଥିବା ଶତାଧିକ ଗ୍ରାହକ ବିଶିଷ୍ଟ ଗ୍ରାମକୁ ଏହି ମାନ୍ୟତା ପ୍ରଦାନର ବ୍ୟବସ୍ଥା ରହିଛି । ଗୋଦରାପଲ୍ଲୀ ଗ୍ରାମରେ ସମ୍ପୃକ୍ତ ବ୍ୟବସ୍ଥା ମୁତାବକ ୧୯୫ ଜାତୀୟ ସଂଚୟ ଖାତା, ୧୧୦ ସୁକନ୍ୟା ଖାତା, ୧୦୪ ଡାକ ଜୀବନବୀମା ପଲିସି, ୧୦୦ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଓ ୧୦୦ ଇଣ୍ଡିଆ ପୋଷ୍ଟ ସଂଯୋଜିତ ଖାତା ଥିବାରୁ ଏହି ମାନ୍ୟତା ପ୍ରଦାନ କରାଯାଇଥିବା ଅଧୀକ୍ଷକ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ଡାକ ମଣ୍ଡଳ ତିଳିସିଙ୍ଗି, ଦଦରାଲୁଣ୍ଡା, ମହିଗୁଡା ଓ ବାବନପୁରକୁ ଏହି ମାନ୍ୟତା ପ୍ରଦାନ କରାଯାଇଥିଲା।

## ଅନଲାଇନ ରାଜସ୍ୱ ଆଦାୟ, ଶେରଗଡ଼ ପ୍ରଥମ

**ଶେରଗଡ଼,୩୧।୩(ଡି.ଏନ୍.ଏ.)**

ଅନଲାଇନ ରାଜସ୍ୱ ଆଦାୟ କ୍ଷେତ୍ରରେ ଗଞ୍ଜାମ ଜିଲାରେ ଶେରଗଡ଼ ତହସିଲ ପ୍ରଥମ ସ୍ଥାନ ଅଧିକାର କରିଛି। ଏ ନେଇ ବୁଧବାର ଜିଲା ପକ୍ଷରୁ ସୂଚନା ମିଳିଛି। ଶେରଗଡ଼ ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ସର୍କଲ ମଧ୍ୟରୁ ନରେନ୍ଦ୍ରପୁର ରାଜସ୍ୱ ସର୍କଲରୁ ଅଧିକ ରାଜସ୍ୱ ଆଦାୟ ହୋଇଛି ବୋଲି ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା କହିଛନ୍ତି। ଚଳିତ ବର୍ଷ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ମୋଟ ୨କୋଟି ୩୪ଲକ୍ଷ ଟଙ୍କା ଆଦାୟ କରିବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ସମୁଦାୟ ୨କୋଟି ୭୮ ଲକ୍ଷ ୯୯ ହଜାର ୪୬୨ ଟଙ୍କା ଆଦାୟ ହୋଇଛି। ତହସିଲର ଭୂମିକର ଓ ଜଳକର ବାବଦରେ ୨ କୋଟି୭ହଜାର ଟଙ୍କା ଦାବିଥିବା ବେଳେ ୩୧ ସୁଦ୍ଧା ୨ କୋଟି୪୧ ହଜାର ୯୦୧ ଟଙ୍କା ଆଦାୟ ହୋଇଛି। ଏହିସଫଳତା ପାଇଁତହସିଲଦାର, ଅତିରିକ୍ତ ତହସିଲଦାର, ୯ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକ, ସୁପରଭାଇଜରଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି।

## କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ବିଳମ୍ବ

**ଗଞ୍ଜାମ,୩୧।୩(ଡି.ଏନ.ଏ)**

ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମସ୍ଥିତ ଋଷିକୁଲ୍ୟା ମୁହାଣ ବେଳାଭୂମିରେ ପ୍ରତିବର୍ଷ ଫେବୃୟାରୀ ଶେଷ ସପ୍ତାହ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରେ କଇଁଛମାନେ ଗଣ ଅଣ୍ଡାଦାନ କରିଥାନ୍ତି। କିନ୍ତୁ ତାହା ଚଳିତବର୍ଷ ବିଳମ୍ବ ଘଟିଥିବା ଜଣାପଡିଛି। ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ବୋଲି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି। ସୋମବାର ଡିଏଫଓ ନାୟକ ଋଷିକୁଲ୍ୟା ମୁହାଣ ଗସ୍ତ କରି କଇଁଛଙ୍କ ଗତିବିଧି ଅନୁଧ୍ୟାନ କରିବାକୁ ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲ୍ଲିକ ଓ ଅନ୍ୟ ଷ୍ଟାଫମାନଙ୍କ ସହ ମିଶି ସମୁଦ୍ର ଭିତରକୁ ଯାଇଥିଲେ। ବେଳାଭୂମିଠାରୁ ପ୍ରାୟ ୪ କିମି ସମୁଦ୍ରରେ ଦଳ ଦଳ କଇଁଛ ବୁଲୁଥିବା ଦେଖିଥିଲେ। ଆସନ୍ତା ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଅଣ୍ଡାଦାନ ପ୍ରକ୍ରିୟାକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି। କଇଁଛଙ୍କ ସୁରକ୍ଷା ଲାଗି ବିଭାଗ ପକ୍ଷରୁ ଅଣ୍ଡାଦାନ ସମୟରେ ଋଷିକୁଲ୍ୟା ବେଳାଭୂମିଠାରୁ ପ୍ରାୟ ୪ କିମି ବିସ୍ତୀର୍ଣ୍ଣ ଅଞ୍ଚଳକୁ ସିଲ୍ କରାଯାଇଛି। ଅଣ୍ଡାଦାନ ସ୍ଥଳରେ ବ୍ୟାରିକେଡ୍ ନିର୍ମାଣ କରାଯାଇ ସେଠାରେ କୋଷ୍ଟ ଗାର୍ଡ ନିୟୋଜିତ କରାଯାଇଛି। ଏଥିସହିତ ସମୁଦ୍ରରେ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଭଞ୍ଜନଗର,୩୧।୩(ଡି.ଏନ.ଏ)**



ଡିଏଫ୍ଓ ତାଲିମ ପ୍ରଦାନ କରୁଛନ୍ତି ।

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଲାଲସିଂ ନର୍ସରୀ ପରିସରରେ ରବିବାର ବିଭାଗୀୟ ଆଗଧାଡ଼ିର କର୍ମଚାରୀଙ୍କୁ ନେଇ ମୃତ୍ତିକା ସଂରକ୍ଷଣ ଓ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଫଓ ଅଭୟ କୁମାର ଦଳେଇ ଅଧ୍ୟକ୍ଷତା କରି କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଲେ ଜଙ୍ଗଲର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଏଥିସହ ମୃତ୍ତିକା ସଂରକ୍ଷଣ କିଭଳି କରାଯିବ ସେ ନେଇ ତାଲିମ ଦେଇଥିଲେ । ସେହିପରି ଶନିବାର ତାରସିଂ ଠାରେ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ଓ ଜଙ୍ଗଲ ନିଆଁକୁ କିଭଳି ରୋକାଯିବ ସେ ନେଇ ଏକ ଶିବିର ହୋଇଥିଲା। ଉଭୟ ଶିବିରରେ ଡିଏଫଓ ଦଳେଇ ଅଧ୍ୟକ୍ଷତା କରିଥିଲେ। ଏସିଏଫ୍ ସୁଦର୍ଶନ ବାଦୀ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ତାରସିଂ ରେଞ୍ଜର ଆଶାଲତା ଦିଗାଲ, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ଅବସରପ୍ରାପ୍ତ ଏସିଏଫ୍ ଗୋକୁଳ ଶତପଥୀ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜି, ଶୁଳପାଣି ଶତପଥୀ, ସୁରେଶ ସ୍ୱାଇଁ, ପରିବେଶବିତ୍ ରାଜେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ପ୍ରଥମେ ବିଭାଗୀୟ କର୍ମଚାରୀ ସଚେତନ ହୋଇ ପଦକ୍ଷେପ ନେବାକୁ ପଡ଼ିବ ବୋଲି କହିଥିଲେ । ଏମ୍.ମୋତିଲାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ ଗୁହାଳ,ପାଳଗଦା ଜଳିଗଲା

**ପାତ୍ରପୁର,୩୧।୩(ଡି.ଏନ.ଏ.)**

ପାତ୍ରପୁର ତହସିଲର ବିଭିନ୍ନ ସ୍ଥାନରେ ବୁଧବାର ଅଗ୍ନିକାଣ୍ଡ ଘଟି ୫ ଗୁହାଳ ସହ ପାଳଗଦା ଜଳିଯାଇଛି। ବରଙ୍ଗରେ ଜଙ୍ଗଲ, ସୁରଙ୍ଗି ପଞ୍ଚାୟତ କନିରିଡାରେ ଏକ ଗୁହାଳ ଓ ପାଳ ଗଦା, ଖରିଆଗୁଡା ପଞ୍ଚାୟତ ଗୁରଙ୍ଗୀରେ ୪ ଗୁହାଳ, ହରଡାମରାରେ ୪ ପାଳ ଗଦା, ତାଳପଡାରେ ପାଳ ଗଦା ପୋଡ଼ିଯାଇଛି। ଉଭୟ ପାତ୍ରପୁର ଏବଂ ଟିକିଟି ଦମକଳ ବାହିନୀର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ।

## ଗୀତାଞ୍ଜଳିଙ୍କୁ ଶ୍ରେଷ୍ଠ ଆଶାକର୍ମୀ ପୁରସ୍କାର

**ଦାରିଙ୍ଗବାଡ଼ି,୩୧।୩(ଡି.ଏନ.ଏ)**

କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତର ଗୀତାଞ୍ଜଳି ଦିଗାଳଙ୍କୁ ୨୦୨୧ ମସିହାର ଶ୍ରେଷ୍ଠ ଆଶାକର୍ମୀ ଭାବେ ସମ୍ମାନିତ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ରବିବାର ଫୁଲବାଣୀଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍ପି ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଗୀତାଞ୍ଜଳୀଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡ. ବୃନ୍ଦା ଡି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ପ୍ରିୟଦର୍ଶୀ କ୍ରିକେଟ ଟୁର୍ନାମେଣ୍ଟ, ଚେରମାରିଆ ଚାମ୍ପିୟନ

**ହିଞ୍ଜିଳିକାଟୁ,୩୧।୩(ଡି.ଏନ୍.ଏ.)**



ପୁରସ୍କାର ବିତରଣି କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମରେ ଚାଲିଥିବା ପ୍ରଥମ ପ୍ରିୟଦର୍ଶୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚରେ ଆସିକା ପାୱାର କ୍ରିକେଟ କ୍ଲବକୁ ୪ ଉଇକେଟରେ ହରାଇ ଚେରମାରିଆ ଡିଲିସିଅସ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସମ୍ମାନିତ ଅତିଥି ଭାବେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ହିଞ୍ଜିଳିକାଟୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ, ନଗର ବିଜେଡ଼ି ସଭାପତି ଭୀମସେନ ବେହେରା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ରାଜ୍ୟ ଭାଜପା ଉପସଭାପତି ଦେବାନନ୍ଦ ମହାପାତ୍ର, ସୁବାସ ଚନ୍ଦ୍ର ପୋଲାଇ, ପବିତ୍ର ମୋହନ ପାଣିଗ୍ରାହୀ, ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚେରମାରିଆ ଟିମର ପୂର୍ଣ୍ଣଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ, ମ୍ୟାନ ଅଫ ଦି ସିରିଜ ଭାବେ ସୋନୁ ଦାଶ, ଶ୍ରେଷ୍ଠ ବୋଲର ଭାବେ ପାୱାର ଦଳ ଆସିକାର ଲକ୍ଷ୍ମୀ ନାରାୟଣ ପାଳ ଓ ଦିଲୀପ କୁମାର ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ବିଷ୍ଣୁ ପ୍ରସାଦ ପଣ୍ଡା ଓ ସନ୍ତୋଷ ପ୍ରଧାନ ଅମ୍ପାୟର ଥିଲେ।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଦାରିଙ୍ଗବାଡ଼ି,୩୧।୩(ଡି.ଏନ.ଏ.)**




ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଚାଲିଥିବା କେତେଜଣ ୱାର୍ଡ ସଭ୍ୟାସଭ୍ୟ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ସେମାନେ ସୋମବାର

**କିରିକୁଟି ପଞ୍ଚାୟତ**

ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପଞ୍ଚାୟତର ନାରୀ ମହାସଂଘ ସଭାନେତ୍ରୀ ପ୍ରତିମା ପାତ୍ର, ୱାର୍ଡ଼ ସଭ୍ୟା କିଦୁଙ୍ଗି ନାୟକ, ଉତ୍ତରା ବିନ୍ଧାଣୀ, ଦୁଷ୍ମନ୍ତ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଦୀର୍ଘଦିନ ହେଲା ପଞ୍ଚାୟତର ବିକାଶ କାର୍ଯ୍ୟ ନେଇ ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଉନାହିଁ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୌଣସି ସୂଚନା ଦେଉନାହାନ୍ତି। ସେହିପରି ବିଭିନ୍ନ ଯୋଜନାରେ ଚଞ୍ଚକତା କରାଯାଉଥିବା ଗ୍ରାମର ଅଞ୍ଜନ ପ୍ରଧାନ, କୃତ୍ତିବାସ ପାତ୍ର, ମିଳନ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରାୟ ବର୍ଷେ ହେବ ଅଞ୍ଚଳରେ ପାଇପ ବିଛା ଯାଇଥିଲେ ମଧ ଜଳ ଯୋଗାଣ କରାଯାଉନାହିଁ। ଖରାଦିନେ ଜଳସଙ୍କଟ ଦେଖାଯାଉଛି। ତୁରନ୍ତ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ବିଡିଓ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବନ୍ଦ ହେଲା ଟିଟିପିଏସ୍...

ବୋର୍ଡର ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବାରୁ ୫୪ ବର୍ଷର ଏହି ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରର ପରିଚାଳନା ପାଇଁ ମାର୍ଚ୍ଚ ୩୧ ତାରିଖ ପରେ ଏନ୍‌ଟିପିସି ନିକଟରେ ଆବଶ୍ୟକ ଅନୁମତି ନ ଥିଲା। ତେଣୁ ପୂର୍ବାହ୍ନ ୮ଟା ୪୩ରେ ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ସହ ଲାଇଟ୍ ଲିଭାଇ ଦିଆଯାଇଥିଲା। ତେବେ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରକାଶ ଯେ, ଗତ ୨୨ ତାରିଖ ରାତିରେ ହଠାତ୍ ଏନ୍‌ଟିପିସି କର୍ତ୍ତୃପକ୍ଷ ଟିଟିପିଏସ୍‌ର ସମସ୍ତ ୬ଟି ୟୁନିଟ୍‌କୁ ବନ୍ଦ କରିଦେଇଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଷ୍ଟେଜ୍-୩ ପ୍ରକଳ୍ପ ସ୍ଥାପନ କରିବାକୁ ଅନୁମୋଦନ ଦେଇସାରିଥିବାରୁ ତୁରନ୍ତ ଉକ୍ତ କାର୍ଯ୍ୟ ଆରମ୍ଭ ନିମନ୍ତେ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଆର.କେ. ସିଂଙ୍କୁ ମୁଖ୍ୟମନ୍ତ୍ରୀ ଗତ ୨୪ ତାରିଖରେ ଚିଠି ଲେଖିଥିଲେ। ଏହାପରେ ପ୍ଲାଣ୍ଟର କେବଳ ୩ନଂ. ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲା। ତେବେ ୩୧ ତାରିଖଠାରୁ ଟିଟିପିଏସ୍ ବନ୍ଦ ହେବାକୁ ଯାଉଥିବା ନେଇ ଏନ୍‌ଟିପିସି ସେକ୍ରେଟାରୀ ନନ୍ଦିନୀ ସରକାର ଗତ ୩୦ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇ ଦେଇଥିଲେ। ତଦନୁଯାୟୀ ପ୍ଲାଣ୍ଟର ୬ଟି ୟୁନିଟ୍ ମଧ୍ୟରୁ କାର୍ଯ୍ୟକ୍ଷମ ଥିବା ଏକମାତ୍ର ୩ନଂ. ୟୁନିଟ୍‌ରୁ ସକାଳେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଥିଲା।

### ନୂଆ ୟୁନିଟ୍ ସ୍ଥାପନ...

ଖୁବଶୀଘ୍ର ଗ୍ରୀଡକୋ, ଏନଟିପିସି, ଶକ୍ତି ଓ ଅନ୍ୟାନ୍ୟ ବିଭାଗଗୁଡ଼ିକ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ନୂଆ ୟୁନିଟ ପ୍ରତିଷ୍ଠା ଏବଂ ସ୍ଥାନୀୟ ବାସିନ୍ଦାଙ୍କର ଆପତ୍ତି ଅଭିଯୋଗର ଆଶୁ ସମାଧାନ ନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ହେବ । ଏହି ମିଳିତ ଯୋଜନାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଟିଟିପିଏସର ନୂଆ ୟୁନିଟ ଓ ସ୍ଥାନୀୟ ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଉଭୟ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟ ଯେ ଟିଟିପିଏସ ସମସ୍ତ ୟୁନିଟ ମାର୍ଚ୍ଚ ୩୧ରେ ବନ୍ଦ ହେବା ନେଇ ଖବର ମାର୍ଚ୍ଚ ୨୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଟିଟିପିଏସ ବନ୍ଦ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୨୪ ତାରିଖରେ କେନ୍ଦ୍ର ଶକ୍ତି ରାଷ୍ଟ୍ର ମନ୍ତ୍ରୀ(ସ୍ୱାଧିନ) ଆର.କେ. ସିଂଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଟିଟିପିଏସ ବନ୍ଦକୁ ନେଇ ବିଧାନସଭାରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମାର୍ଚ୍ଚ ୨୫ ତାରିଖ ଶୂନ୍ୟକାଳରେ ଟିଟିପିଏସ ବନ୍ଦ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଦୃଷ୍ଟି ଆକର୍ଷଣ କରିଥିଲେ। ସେହି କାରଖାନାକୁ କିପରି ପୁନଃ କାର୍ଯ୍ୟକ୍ଷମ କରାଯିବ ସେ ନେଇ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏକ କମିଟି ଡାକି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

### ପିଏମ୍ଏୱାଇ-ବିପିଜିୱାଇ ...

ସେହି ସବୁ ଯୋଜନାରେ କୌଣସି ଲୋଗୋ ଲଗାଇବା ରାଜ୍ୟ ସରକାରଙ୍କ ଅଧିକାର ପରିସରଭୁକ୍ତ ନୁହେଁ । ପିଏମ୍ଏୱାଇ ଯୋଜନାରେ ବିପିଜିୱାଇ ଲୋଗୋ ବ୍ୟବହାରକୁ ଅନୁମତି ଦିଆଯାଇନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ପ୍ରସଙ୍ଗରେ ଭାଜପା ସଦସ୍ୟମାନେ ବୁଧବାର ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ରାଜ୍ୟ ସରକାର ନିଜର ରାଜନୈତିକ ଉଦ୍ଦେଶ୍ୟକୁ ହାସଲ କରିବାକୁ ବିପିଜିୱାଇ ଲୋଗୋକୁ ଜାଣିଶୁଣି ପିଏମ୍ଏୱାଇ ଯୋଜନାରେ ନିର୍ମାଣ ହେଉଥିବା ଘରେ ଲଗାଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଲେ, ଭାଜପା ଡିସେମ୍ବରରୁ କହିଆସୁଛି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋଗୋ ଲଗା ନ ଯାଉ। ଏହାକୁ ନେଇ ଭାଜପା କର୍ମକର୍ତ୍ତାମାନେ ପଞ୍ଚାୟତ ଘେରାଉ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫେବୃୟାରୀ ୧୨ରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଏ ବାବଦରେ ଆଲୋଚନା କରିଥିଲେ। ମନ୍ତ୍ରଣାଳୟ ସଚିବ ନଗେନ୍ଦ୍ର ନାଥ ସିହ୍ନା ଲୋଗୋ ନ ଲଗାଇବାକୁ ଚିଠି ଲେଖିଛନ୍ତି। ଲୋଗୋ ନ ଲଗାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନାଏକ ଦାବି କରିଥିଲେ। ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଭାଜପା ବିରୋଧରେ ...

ସଂଘୀୟବାଦ ଉପରେ ଭାଜପା କ୍ରମାଗତ ଆକ୍ରମଣ କରୁଥିବାରୁ ସେ ତାଙ୍କ ଉଦ୍‌ବେଗ ଜଣାଇବା ପାଇଁ ଚିଠି ଲେଖିଥିବା ମମତା ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ଆର୍‌ଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ନିକଟକୁ ମମତା ପତ୍ର ଲେଖିଛନ୍ତି। ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ସଂଶୋଧନ) ବିଲ୍ ଦେଶର ସଂଘୀୟ ଢାଞ୍ଚା ଉପରେ ସିଧାସଳଖ ଆକ୍ରମଣ ବୋଲି ମମତା କହିଛନ୍ତି। ଏହା ଜାତୀୟ ରାଜଧାନୀବାସୀଙ୍କଠାରୁ କ୍ଷମତା ଛଡ଼ାଇ ନେଇଥିବା ସେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟପାଳ, ସିବିଆଇ, ଇଡି ମାଧ୍ୟମରେ ଅଣଭାଜପା ଶାସିତ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଛି। ଏହିସବୁ ରାଜ୍ୟକୁ କେନ୍ଦ୍ର କମ୍ ଅନୁଦାନ ଦେଉଥିବା ମମତା ଅଭିଯୋଗ କରିଛନ୍ତି। ଭାଜପା ଏକଦଳୀୟ ସତ୍ତାବାଦୀ ଶାସନ ପ୍ରଚଳନ କରିବାକୁ ଚାହୁଁଛି। କେନ୍ଦ୍ର-ରାଜ୍ୟ ସମ୍ପର୍କ ଏବଂ କେନ୍ଦ୍ରରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସମ୍ପର୍କ ଏତେ ଖରାପ କେବେ ହୋଇ ନ ଥିଲା ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ଏକଛତ୍ରବାଦୀ ଆଚରଣକୁ ଦାୟୀ କରିଛନ୍ତି।

### ଆଜିଠୁ ୪୫ବର୍ଷରୁ ଊର୍ଦ୍ଧ୍ୱ ...

ଗୁରୁବାରଠାରୁ ରାଜ୍ୟରେ ଦୈନିକ ୨ଲକ୍ଷ ଟିକାକରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ଗତ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିବାବେଳେ ଏଯାବତ୍ ୨୪,୧୧,୦୧୩ଜଣ ଟିକା ନେଇସାରିଛନ୍ତି। ବୁଧବାର ୮୪,୦୯୯ଜଣ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ୩ଜଣଙ୍କ ପାଖରେ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୯୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ କଳାହାଣ୍ଡିରୁ ସର୍ବାଧିକ ୫୭ଜଣ ଥିବାବେଳେ ସୁନ୍ଦରଗଡ଼ ୩୮, ଖୋର୍ଦ୍ଧା ୩୩ ଓ ନୂଆପଡ଼ା ୩୧ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୪୦,୯୧୭ରେ ପହଞ୍ଚିଛି।

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି...

ହୋଇପାରି ନ ଥିଲା। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଯେତେ ଅନୁରୋଧ କରିଥିଲେ ସୁଦ୍ଧା ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଅନ୍ୟ ଉପାୟ ନ ପାଇ ବାଚସ୍ପତି ବାଧ ହୋଇ ଗୃହକୁ ୧୦ଟା ୩୧ ମିନିଟରୁ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ଡାକିଥିଲେ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, କୋଭିଡ୍ ସମୟରେ ଲୋକମାନେ କାମଧନ୍ଦା ହରାଇଥିବା ବେଳେ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରାଯାଇଥିଲା। ଏବେ ପୁଣି ୩୦ ପଇସା ବୃଦ୍ଧି କରାଯାଇଛି। ବିଦ୍ୟୁତ୍ ଉତ୍ପାଦନ ନ କରି ଦିଲ୍ଲୀଭଳି ରାଜ୍ୟ ଶସ୍ତାରେ ବିଜୁଳି ଦେଉଥିବା ବେଳେ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହୋଇ ମଧ୍ୟ ଦର ବଢ଼ିଚାଲିଛି। ଗରିବ ଲୋକ ବଞ୍ଚିପାରିବେ ନାହିଁ। ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳ ନେତା ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ବିଦ୍ୟୁତ୍ ଦର ବଢ଼ି ବଢ଼ି ଚାଲିଛି। ୨୦ ପଇସାରୁ ୫୦ ପଇସାକୁ ବୃଦ୍ଧି ହୋଇଛି। ଏହାକୁ ନେଇ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଲାଣି। ସରକାର କହିବେ ଆମ ନିୟନ୍ତ୍ରଣରେ ନାହିଁ। ସରକାର ଏଥିପାଇଁ ଉତ୍ତରଦାୟୀ। ପେଟ୍ରୋଲ, ଡିଜେଲ, ରୋଷେଇ ଗ୍ୟାସ ବଢ଼ି ଚାଲିଥିବା ବେଳେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଗୃହ ଚାଲିଥିବା ବେଳେ ବିଦ୍ୟୁତ୍ ଦର ବୃଦ୍ଧି ହେଉଛି। ସରକାର ଗୃହକୁ ଏ ବିଷୟରେ ଅବଗତ କରାଇବା କଥା। ସରକାରଙ୍କ ଏହା ଉପରେ କିଛି ଉତ୍ତର ନାହିଁ। ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଏହା ଉପରେ ଆଲୋଚନା କରନ୍ତୁ। ଏହା ସାଧାରଣ ଲୋକଙ୍କ କଥା। ଏହାକୁ ନ କହି ଆମେ ଚୁପ୍‌ବସି ରହିପାରୁ ନାହୁଁ। ଆଜି ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ହେବାର ଅଛି। ଏଥିରେ ଆମେ ଅଂଶଗ୍ରହଣ କରିବାକୁ ଚାହୁଁଛୁ। ତୁରନ୍ତ ବାଚସ୍ପତି ଏ ଦିଗରେ ପଦକ୍ଷେପ ନିଅନ୍ତୁ। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ବିରୋଧୀ ଦଳ କେବଳ ଆଲୋଚନା ନ କରି ଗୃହକୁ ଅବରୋଧ କରୁଛନ୍ତି । ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ ବୋଲି ସେ କହିଥିଲେ। ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଣବ ପ୍ରକାଶ ଦାଶ, ମୋହନ ମାଝିଙ୍କୁ ବୈଠକରେ ଯୋଗଦେବାକୁ ବାଚସ୍ପତି ଅନୁରୋଧ କରି ଗୃହକୁ ୧୧ଟା ୩୬ରୁ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ବୈଠକ ଶେଷ ନ ହେବାରୁ ଦୁଇଟି ପର୍ଯ୍ୟାୟରେ ପୁଣି ୨୦ ମିନିଟ୍ ମୁଲତବୀ କରାଯାଇଥିଲା। ୧୨ଟା ୧୨ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହର ଉଦ୍‌ବେଗକୁ ଦେଖି ବିଦ୍ୟୁତ୍ ବିଲ୍ ବୃଦ୍ଧି ଅଭିଯୋଗ ଉପରେ ସରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ହଟ୍ଟଗୋଳ ଜାରି ରହିଥିଲା। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଓଡ଼ିଶା ବେସାମରିକ ଯୋଗାଣ ନିଗମର ୩୮ତମ ବାର୍ଷିକ ରିପୋର୍ଟ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ୨୪ତମ ବାର୍ଷିକ ରିପୋର୍ଟ, ବିଧାୟିକା ଉଷାଦେବୀଙ୍କୁ ମହିଳା ଓ ଶିଶୁକଲ୍ୟାଣ ଗୃହ କମିଟି ରିପୋର୍ଟ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ବିଧାନସଭା କାର୍ଯ୍ୟ ପରାମର୍ଶଦାତା ରିପୋର୍ଟ ଉପସ୍ଥାପନ କରିବାକୁ କହିଥିଲେ। ସେହିପରି ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓଡ଼ିଶା ବ୍ୟୟମଞ୍ଜୁରୀ ବିଲ୍-୨୦୨୧କୁ ଗୃହର ଅନୁମୋଦନ ପାଇଁ ବିଧାନସଭାରେ ଆଗତ କରିଥିଲେ। ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ବିଜେଡି ସଭ୍ୟ ଦେବୀପ୍ରସାଦ ମିଶ୍ର କହିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୨ ହଜାର କୋଟି ଖର୍ଚ୍ଚ ହୋଇଥିବା ବେଳେ ରାଜ୍ୟ ସରକାର ୬ ହଜାର କୋଟି ଖର୍ଚ୍ଚ କରିଛନ୍ତି । ହଟ୍ଟଗୋଳ ନ ଥମିବାରୁ ବାଚସ୍ପତି ଗୃହକୁ ୧୨ଟା ୨୪ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନରେ ଶକ୍ତିମନ୍ତ୍ରୀ ବିଦ୍ୟୁତ୍ ଶୁଳ୍କ ଉପରେ ସରକାର ଓଇଆରସିଙ୍କ ନିକଟରେ ପୁନର୍ବିଚାର ପାଇଁ ଆବେଦନ କରିବେ ବୋଲି ବିଧାନସଭାରେ ଘୋଷଣା ପରେ ଗୃହ ସ୍ୱାଭାବିକ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ଭାଗ ନେଇଥିଲେ।

### ୪୭ ସ୍ଥାନରେ ଜଳୁଛି ...

ପ୍ରକାଶ ପାଇଛି। ସେହିପରି ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ମଧ୍ୟ ନିଆଁ ଜଳୁଛି। ନିଆଁକୁ ଆୟତ୍ତ କରିବା ପାଇଁ ୪ଟି ଓଡ୍ରାଫ୍ ଟିମ୍‌ରେ ୫୦ କର୍ମଚାରୀଙ୍କ ସହ ବନକର୍ମଚାରୀମାନେ ନିୟୋଜିତ ଅଛନ୍ତି। ଅତ୍ୟଧିକ ଗରମ ଯୋଗୁ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ୨୦ଟି ସ୍ଥାନରେ ନିଆଁ ଲାଗିଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ.ଜଗଜୟାନନ୍ଦ କହିଛନ୍ତି। ଜଙ୍ଗଲ ନିଆଁ ସାଙ୍ଗକୁ ଆକାଶରୁ ଅଗ୍ନିବୃଷ୍ଟି ହେଉଥିବାରୁ ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନ ୧୦ଟା ପରଠାରୁ ସହରରେ ଜନସାଧାରଣଙ୍କ ଚଳପ୍ରଚଳ କମୁଥିବା ପରିଲକ୍ଷିତ ହେଉଛି। ଅଂଶୁଘାତରୁ ସୁରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଲୋକଙ୍କୁ ବ୍ୟାପକ ସଚେତନ କରାଯାଉଛି।

### ପୁଣି ହେବ କଣ୍ଟେନମେଣ୍ଟ...

ଏପରି କି ଅଧିକ ଆର୍‌ଟି-ପିସିଆର ଟେଷ୍ଟ କରିବାକୁ କୁହାଯାଇଛି। ଏହାସହ ମାସ୍କ ଓ ସାମାଜିକ ଦୂରତା କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ସେପଟେ ପିପିଲି ଉପନିର୍ବାଚନ ପାଇଁ ମଧ୍ୟ ଗାଇଡଲାଇନ୍ ଜାରି ହୋଇଛି। ସଭାସମିତି ପାଇଁ କଟକଣା ଜାରି କରାଯାଇଛି। ଇନ୍‌ଡୋର ହଲ୍‌ରେ ସର୍ବାଧିକ ୨୦୦ ଲୋକଙ୍କୁ ନେଇ ସଭା କରାଯାଇପାରିବ। ଇନ୍‌ଡୋର ହଲ୍‌ରେ ୫୦% ସିଟ୍‌ରେ ଲୋକେ ବସିପାରିବେ। ସଭାରେ ମାସ୍କ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ। ଖୋଲା ଜାଗାରେ ଆକାର ଦେଖି ସଂଖ୍ୟା ପ୍ରଶାସନ ନିର୍ଦ୍ଧାରଣ କରିବ। ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆଶଙ୍କାରେ ସରକାର ଆଗୁଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମାସକ ପୂର୍ବରୁ ବିବାହ ଭୋଜିରେ ୫୦୦ ଲୋକଙ୍କୁ ସାମିଲ୍ ଅନୁମତି ଦିଆଯାଇଥିଲା। ଏହି ସଂଖ୍ୟାକୁ ମାର୍ଚ୍ଚରେ ପୁଣି ୨୦୦କୁ ହ୍ରାସ କରିଦିଆଯାଇଥିଲା। ଏପ୍ରିଲ୍‌ରେ ଏହି ସୀମିତ ସଂଖ୍ୟା ବଳବତ୍ତର ରହିବ। ଏହା ସହ ଅନ୍ତ୍ୟେଷ୍ଟି କ୍ରିୟାରେ ସର୍ବାଧିକ ୫୦ ଲୋକଙ୍କୁ ଅନୁମତି ମିଳିବ। ନିର୍ଦ୍ଦେଶନାମାରେ କେବଳ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ଲୋକସଂଖ୍ୟା ଉପରେ କଟକଣା ଜାରି କରାଯାଇଛି। ଅନ୍ୟ କୌଣସି ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ। ଗାଇଡଲାଇନରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ହଲ୍‌ରେ ବିବାହ ଭୋଜି ହେଲେ ହଲ୍ କ୍ଷମତାର ୫୦ ପ୍ରତିଶତରୁ ଅଧିକ ଲୋକଙ୍କୁ ଅନୁମତି ମିଳିବ ନାହିଁ। ଖୋଲା ଜାଗାରେ ବିବାହ ଭୋଜି କରାଗଲେ, ଜାଗାର ଆକାରକୁ ଦେଖି ଅନୁମତି ଦିଆଯିବ। ତେବେ ତାହା ୨୦୦ରୁ ଅଧିକ ହେବ ନାହିଁ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ଥର୍ମାଲ୍ ସ୍କାନିଂ ଓ ହାତ ଧୁଆକୁ ବାଧ୍ୟତାମୂଳକ କରାଯିବ। ଏଥିପାଇଁ ଆୟୋଜକ ସମସ୍ତ ବନ୍ଦୋବସ୍ତ ନିଶ୍ଚିତ କରାଇବେ। ସମସ୍ତ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର ଓ ପୋଲିସ କମିଶନର କୋଭିଡ୍ ଗାଇଡଲାଇନ୍ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର କଡ଼ାକଡ଼ି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅସୁବିଧା କେଉଁଠି...

ଓଡ଼ିଶାର ୩୦ ହଜାର ଗାଁର ଲୋକେ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। କେବଳ ୩୦୦ ଗାଁର ଅନିୟମିତତା ଦର୍ଶାଇ ଓଡ଼ିଶାର ସାଢେ ୪କୋଟି ଲୋକଙ୍କ ହକ୍‌କୁ ଭାଜପା ଏମ୍‌ପିମାନେ ବାଧା ଦେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟ ସରକାର ଯଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି ତେବେ ବିଜୁ ପକ୍କାଘର ଲୋଗୋ ଲଗାଇବାରେ ଅସୁବିଧା କେଉଁଠି ବୋଲି ବିଜେଡି ପ୍ରଶ୍ନ କରିଛି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ବ୍ୟୋମକେଶ ରାୟ ଓ ଶ୍ରୀମୟୀ ମିଶ୍ର କହିଛନ୍ତି, ଫନୀ, ଅମ୍ଫନ ଭଳି ପ୍ରାକୃତିକ ଦୁର୍ବିପାକକୁ ରାଜ୍ୟବାସୀ ସାମ୍ନା କରିଛନ୍ତି। ଏଥିରେ ଅନେକ ଲୋକ ବାସହୀନ ହୋଇଗଲେ । ବର୍ତ୍ତମାନ ଘର ଖଣ୍ଡିଏ ପାଇବା ପାଇଁ ବହୁ ଲୋକ ଅପେକ୍ଷା କରି ଅଛନ୍ତି । ସେହି ବାସହୀନ ଲୋକଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ପଡିପାରୁନାହିଁ। ପୂର୍ବରୁ ଗ୍ରାମୀଣ ଗୃହ ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ ଯଥାକ୍ରମେ ୯୦:୧୦ ଥିଲା। ବର୍ତ୍ତମାନ ଏହା ୬୦:୪୦ ହୋଇଛି। ଓଡ଼ିଶା ସରକାର ପ୍ରୋତ୍ସାହନ, ପ୍ରଶାସନିକ ସହାୟତା ଏବଂ ତଦାରଖ ବାବଦରେ ହେଉଥିବା ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ଯଦି ରାଜ୍ୟବାସୀଙ୍କ ଟଙ୍କା ଘର ତିଆରିରେ ଖର୍ଚ୍ଚ ହେଉଛି ତେବେ ବିଜୁ ପକ୍କାଘର ଲୋଗୋ ଲଗାଯିବାରେ ଅସୁବିଧା କେଉଁଠି ରହିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଗୁଜରାଟ ଓ ମଧ୍ୟପ୍ରଦେଶରେ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ତତ୍କାଳୀନ ରାଜ୍ୟ ସରକାର ଗ୍ରାମୀଣ ଆବାସ ଯୋଜନାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ନିଜସ୍ୱ ଲୋଗୋ ବ୍ୟବହାର କରୁଥିଲେ । ଗତ ଫେବୃୟାରୀ ୧୯ରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ସମୟରେ ଉଭୟ ଯୋଜନାର ଲୋଗୋକୁ ହିତାଧିକାରୀଙ୍କ ଗୃହରେ ଲଗାଯିବା ପାଇଁ ମନ୍ତ୍ରୀ ଗୃହକୁ ଅବଗତ କରିଥିଲେ । ରାଜ୍ୟ ସରକାର କେନ୍ଦ୍ରକୁ ଲିଖିତ ଆକାରରେ ଏ ବିଷୟରେ ଜଣାଇଛନ୍ତି । ଦୁଃଖ ଓ ପରିତାପର ବିଷୟ, କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ଧୋକା ଦେଇଛନ୍ତି। ଯଦି ରାଜ୍ୟବାସୀଙ୍କ ପଇସା ଖର୍ଚ୍ଚ ହେଉଛି ତେବେ ହିତାଧିକାରୀଙ୍କ ଗୃହରେ ବିଜୁ ପକ୍କାଘର ଲୋଗୋ ଲଗାଇବା ପାଇଁ ମନା କରାଯାଉଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି ।

### 'ବିଜେଡି ଧର୍ତ୍ତବ୍ୟ ଅପରାଧ କରିଛି'

ଯେକୌଣସି କେନ୍ଦ୍ରୀୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥାଏ । ଏହି ବୁଝାମଣା ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମର ନାମ, ଲୋଗୋ, ପ୍ରକ୍ରିୟା ଏବଂ କାର୍ଯ୍ୟାନ୍ୱୟନ ବଦଳା ଯାଇପାରିବ ନାହିଁ। କିନ୍ତୁ ଓଡ଼ିଶାରେ ଶାସକ ବିଜେଡି ସମସ୍ତ ବୁଝାମଣାକୁ ଅବମାନନା କରି ନିଜ ଦଳୀୟ ସ୍ୱାର୍ଥ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାମ ପରିବର୍ତ୍ତନ କରିଛି, ଯାହାକି ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଦୀର୍ଘଦିନ ଧରି ନିଜର ରାଜନୈତିକ ଅଭିସନ୍ଧି ରଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରି ନିଜ ନାଁରେ ଶାସକ ବିଜେଡି ବ୍ରାଣ୍ଡିଂ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କରିଛନ୍ତି । ରାଜ୍ୟରେ ଗରିବ ଲୋକଙ୍କ ପାଖରେ ପକ୍କାଘର ପହଞ୍ଚାଇବାରେ ବିଜେଡି ବାଧକ ସାଜିଛି। ଗରିବ ଲୋକଙ୍କୁ ପକ୍କାଘର ମିଳିଗଲେ ବିଜେଡିକୁ ଭୋଟବ୍ୟାଙ୍କ ରାଜନୀତି ବନ୍ଦ ହୋଇଯିବା ଭୟ ଘାରିଛି ବୋଲି ଲେଖାଶ୍ରୀ କହିଛନ୍ତି।


No. C-790

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, PUBLIC HEALTH CIRCLE, BHAWANIPATNA**

Parmanandpur, Railway Station Road, Bhawanipatna, Dist: Kalahandi, PIN-766001; e-mail: sephcbhpt3@gmail.com

**NATIONAL COMPETITIVE BIDDING THROUGH e-Procurement Identification No. SEPHC-BHPT-03 of 2020-21/Dt.19.03.2021**

**e-Procurement Notice**

Name of the Work: Different PH Works under PH Circle, Bhawanipatna
Total No. of Works: 05 (Five)
Estimated Cost: Approx. Rs.292.00 lakh-184.00 lakh
Class of Contractor: B & A Class
Period of Completion: 6-9 Calendar Months

| Procurement Officer | Bid Identification No. | No. of Works | Availability of Tender On-line for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| **Superintending Engineer, P.H. Circle, Bhawanipatna** | **SEPHC-BHPT-03 of 2020-21** | **05 (Five)** | **05.04.2021** | **19.04.2021** | **20.04.2021** |

**For details can be seen from the Government website www.tendersorissa.gov.in**

**Sd./- 19.03.2021**

OIPR-13055/11/0003/2021 **Superintending Engineer, P.H. Circle, Bhawanipatna**



**GOVERNMENT OF ODISHA**

**HIGHER EDUCATION DEPARTMENT**

**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2020-21)**

No. N-89: The Higher Education Department, Government of Odisha invites online application for award of Scholarship under **e-medhabruti, Vyasakabi Fakir Mohan Bhasabruti and Gopabandhu Shikhya Sahayata Yojana** for the year 2020-21 from eligible students of Odisha who are pursuing general courses i.e. UG (+3) Courses, PG Courses and Technical & Professional Courses in SAMS and Non-SAMS institutions (i.e. CBSE/ICSE affiliated School, Universities/Management/Engineering & Technical Institutions) inside and outside Odisha.
**Students can apply for scholarships under URL www.scholarship.odisha.gov.in**. Detailed guidelines along with the eligibility criteria are also available at the Medhabruti website of the Higher Education Department under URL **www.medhabruti.org**.
The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | No. of Scholarship | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|---|
| 1 | e-Medhabruti Scholarship | | | | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| a. | U.G. Merit (3 year Course) | 6000 | Rs.5000/- | Rs.15,000/- (for 3 years) | |
| b. | P.G. Merit (2 Year Course) | 2500 | Rs.10,000/- | Rs.20,000/- (for 2 years) | |
| c. | Technical & Professional Merit | 6000 (Details streamwise break-up is available on the website) | Rs.10,000/- | (Rs.10,000) × (Number of course years) (Example: for 4 years Engineering Courses, Rs.40,000/- will be paid | |
| 2 | Vyasakabi Fakir Mohan Bhasabruti Scholarship (VFMB Scholarship) | 1200 (Students studying in UG with Odia Honours) / 300 (students studying in PG in Odia) | Rs.20,000/- only once for the entire duration of the course | Rs.20,000/- | |
| 3 | Gopabandhu Sikhya Sahayata Yojana Scholarship (GSSY Scholarship) | | Rs.20,000/- per year | To be paid on yearly basis | Eligible students will get GSSY Scholarship irrespective of whether they are getting other scholarship or not |

**N.B.: (1) Aadhaar is made mandatory for availing scholarship, Please provide corret Aadhaar Number of self in the Online Application form, In case it is found that Aadhaar Number provided by the Students is wrong or is not his/her, the application is liable to be rejected.**
**(2) Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the Savings Bank Account and IFSC Code, this Department will not be held responsible for mis-credit/no credit.**

**Scheduled Timeline for Online Application**

| Sl. No. | Activities | Timeline |
|---|---|---|
| 01 | Opening date of Online Appication for Students | 01.04.2021 |
| | Last date of Online Application for Students | 31.05.2021 |
| 02 | Validation of Students record by Principal/Head of the Institution (Both SAMS & Non-SAMS) | 01.04.2021 to 30.06.2021 |

**ELIGIBILITY CONDITIONS AND DOCUMENTS TO BE UPLOADED**
- Please see the concerned guidelines and Bank related Advisory.

In case of any problem faced by the Students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll Free) Number 155335 / 18003456770** or e-mail on **scholarshiphed@gmail.com**.

**Sd./- Deputy Secretary to Government**

OIPR-11001/11/0041/2021



**OFFICE OF THE CHIEF RESEARCH OFFICER HIRAKUD RESEARCH STATION, HIRAKUD**

**(Department of Water Resources, Govt. of Odisha)**

**E-Mail: cro_hrs@rocketmail.com, Phone No.: 0663-2481287**

No. A-723 **1st CORRIGENDUM TO QUOTATION CALL NOTICE No. 02/2020-21**

**(HIRING OF PRIVATE VEHICLE)**

1. The last date and time of submission of quotation is extended upto 07.04.2021, 5.00 P.M. due to some technical problem.
2. The Date and time of opening of quotation is 08.04.2021, 11.30 A.M.

All other terms and conditions are unchanged.
The details can be seen from the portal **http://www.dowrodisha.gov.in**.

**Sd./- Chief Research Officer**
**Hirakud Research Station, Hirakud**
OIPR-32244/11/0005/2021



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଁଅରପାଲ**

**ନିଲାମ ନୋଟିସ ସଂଖ୍ୟା- 1337 ତାରିଖ: 22.03.2021**

No. i-94:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ବଁଅରପାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୋଦାମଘରେ ଥିବା ଆନୁମାନିକ ୧୨୬.୬୨ ଟନ୍ ଓଜନର ନଳକୂପର ପୁରୁଣା ପାଇପ୍ ରଡ୍ ତଥା ଅନ୍ୟାନ୍ୟ ଯନ୍ତ୍ରାଂଶ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରକାଶ୍ୟ ନିଲାମ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ୦୯।୦୪।୨୦୨୧ ତାରିଖ ଘ. ୧୧.୦୦ ମିନିଟ୍ ସମୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା ।

**ନିଲାମ ସର୍ତ୍ତାବଳୀ**

(କ) ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ସର୍ବନିମ୍ନ ଟ୨୦,୦୦୦/-ଙ୍କା ଅମାନତ ଦାଖଲ କରି ଭାଗନେବେ ଓ ନିଜର ପରିଚୟ ପତ୍ର (ଆଧାର କାର୍ଡ/ଭୋଟର କାର୍ଡ/ଡ୍ରାଇଭିଂ ଲାଇସେନ୍ସ) ସାଥିରେ ଆଣିବେ ।
(ଖ) ସରଞ୍ଜାମ ନେବା ପୂର୍ବରୁ କାର୍ଯ୍ୟାଳୟରେ ସମସ୍ତ ଅର୍ଥ ଦାଖଲ କରି ଉଠାଣ କରିବେ ।
(ଗ) ନିଲାମ ପୂର୍ବରୁ କାର୍ଯ୍ୟ ଦିବସ ସମୟରେ ଆସି ମହଜୁଦ ଜିନିଷ ଗୋଦାମରେ ଦେଖିପାରିବେ ।
(ଘ) ନିଲାମ ଡାକସିଦ୍ଧ ହୋଇଥିବା ବ୍ୟକ୍ତି/ସଂସ୍ଥା ସାତ ଦିନ ମଧ୍ୟରେ ସରଞ୍ଜାମ ଉଠାଣ ନ କରନ୍ତି, ତେବେ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ ଓ ଅମାନତ ରାଶି ବାଜ୍ୟାପ୍ତି କରାଯିବ ।

**କାର୍ଯ୍ୟସୂଚୀ:-**

**ପୁରୁଣା ଯନ୍ତ୍ରାଂଶ ନିଲାମର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ- କି.ଗ୍ରା. ପ୍ରତି ୧୪/-ଟଙ୍କା ଦରରେ**
**ନିଲାମ ତାରିଖ/ସମୟ:- ୦୯।୦୪।୨୦୨୧, ଘ.୧୧.୦୦ ମିନିଟ୍**
**ନିଲାମ ସ୍ଥାନ- ବ୍ଲକ୍ କାର୍ଯ୍ୟାଳୟ ପରିସର ।**

। ଇତି ।

OIPR-19039/11/0002/2021 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଁଅରପାଲ



**DSMS DISTRICT SUPPLY AND MARKETING SOCIETY, BALANGIR**
**(A district unit of ORMAS, PR Deptt.)**
**C/o: DRDA, Balangir**

**CORRIGENDUM**

**No. CAD-1689:-** The authority has published an EOI on 27th March 2021 in Odiya Daily newspapers Dharitri & Samaj with deadline of seven days to furnish document for PG Branding activities at Balangir District. Due to official holidays which may not allow to meet the deadline, the Authority decided to circulate this Corrigendum to fix a date as follows:
Last date of submit EOI is extended to 9th April 2021 latest by 1.00 PM and the EOI documents will be opened on 12th April 2021 11.00 AM instead of the previous deadline of 2nd April 2021 in the presence of Bidders and Selection Committee.
The agencies may obtain further information and procedures for submitting the "Expression of Interest from the official website of https://www.balangir.nic.in. The authority reserves the rights to accept or reject any tender without assigning reason thereof.

OIPR-19020/11/0003/2021 **Sd./- Project Director, DRDA, Balangir**



**Office of the Project Engineer**
**Project Management Unit (Drainage), OISIP, JICA**
**Orissa Water Supply & Sewerage Board**
**At- Mahanadivihar, PO- Nayabazar, Cuttack-753004**
**Phone: 0671-2440381, email: pe_cd@owssb.in**

**Cancellation Notice for Bid Identification No. OISIP-JICA-Drainage-01/2020-21**

No. A-731:- The Bid identification No. OISIP-JICA-Drainage-01/2020-21 e-tender for the work:- Drain Cleaning During Monsoon 2021- Desilting of drain including disposal of desilted material and Maintenance of Free Flow during Rainy season, From Revenue Colony to Goshala at Main Drain-1 and Link Drain (From Seminary Chowk to Rousapatana and From Matrubhawan to Kathjodi River), is hereby cancelled due to administrative reason.

**Sd./- Project Engineer, PMU, Drainage**
OIPR-13007/11/0007/2021 **OISIP, OWSSB, Cuttack**



**GOVERNMENT OF ODISHA**
**ST & SC Development Department**

**OFFICE OF THE PROJECT ADMINISTRATOR, ITDA, NILGIRI**

**CORRIGENDUM NOTICE**

**Corrigendum to the Bid Identification No. ITDANGR-03/2020-21**
**Notice No. 347/ITDA, Dt.- 31.03.2021**

No. CAD-1692:- The Tender Called for vide this Office Bid Identification No. ITDANGR-03/2020-21 is hereby cancelled due to Administrative reasons.

**Sd./- Project Administrator, ITDA, Nilgiri**
OIPR-19058/11/0006/2021



**OFFICE OF THE NOTIFIED AREA COUNCIL, BALUGAON**
**Balugaon, Khordha, Odisha, Pin-752030**
**Phone No. 06756-250501**
Email ld.eonac.balugaon2013@gmail.com, Website:- www.balugaonnac.in
**No. 688 / Dt. 30.03.21**

**TENDER CALL NOTICE**

**No. C-794:-** Sealed Tenders are invited from the reputed Firms/ Manufacturers/Agents/Authorized Dealers with valid License/GST Registration Certificate/PAN Card for supplying sanitary materials to the NAC, Balugaon. The tender schedule can be obtained from the following website, Balugaon from dt.31.03.2021, 11.00 AM to 13.04.2021, 1.00 PM on payment of non-refundable amount of Rs.2000/- (Rupees Two Thousand) only in shape of demand draft/ bankers cheque. The required Tender Schedule must be reached to the undersigned on or before dt.13.04.2021, 3.00 PM and the same will be opened on dt.15.04.2021, 12.30 PM in presence of tenderers or their authorized representative. The tender must be accompanied with EMD of Rs.25000.00 (Rupees Twenty five Thousand) only in shape of Demad Draft/ Bankers Cheque in favour of Executive Officer, NAC, Balugaon payable at Balugaon along with the self attested copies of valid license/GST Registration certificate/ PAN Card/ Proof of previous supply record. The rate should be quoted inclusive of all taxes & charges for supplying doorstep. Any other detials can also be downloaded from the Govt. Portal **www.khordha.nic.in / www.balugaonnac.in**.
The Authority reserves the right to accept or reject any or all tender without assigning any reason thereor.

**Sd./- Executive Officer, N.A.C., Balugaon**
OIPR-13148/11/0003/2021

